# ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ,

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

## ଓଡ଼ିଆ ଭାଷା ସାହିତ୍ୟ ବିଭାଗ

### ପ୍ରକଳ୍ପ

ବିଷୟ ବସ୍ତୁ :- **ଓଡ଼ିଆ ଲୋକଗୀତର ସାମାଜିକ ଆବେଦନ**

**ମାର୍ଗଦର୍ଶକ**

ଡ. ନୀଳମଣି ଲେଙ୍କା

ବିଭାଗୀୟ ମୁଖ୍ୟ

ଓଡ଼ିଆ ଭାଷା ସାହିତ୍ୟ ବିଭାଗ

# REPORT

A project on "ODIA LOKAGITARA SAMAJIKA ABEDANA" was undertaken by student of Odia department during the month of February in 2021. 40 nos of student participated in the project work. They visited different library of the locality, social and cultural organization to collect different data about Lokagita. The project work was guided by Dr. Nilamani Lenka, Reader in Odia. In the last part the students presented their project report in front of external and internal examiner.

Nilamani Lenka
25/05/21
**GUIDED BY**
ବିଭାଗ ମୁଖ୍ୟ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ

Nilamani Lenka
25/05/21
**HOD, ODIA**
ବିଭାଗ ମୁଖ୍ୟ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ

# ସୂଚୀପତ୍ର


| କ୍ର. ସଂଖ୍ୟା | ବିଷୟ |
|---|---|
| ୧. | ଓଡ଼ିଆ ଲୋକଗୀତର ସଂଜ୍ଞା ଓ ସ୍ୱରୂପ |
| ୨. | ଓଡ଼ିଆ ଲୋକଗୀତର ବିଭିନ୍ନ ଦିଗ |
| ୩. | ଓଡ଼ିଆ ଲୋକଗୀତରେ ସାମାଜିକ ଆବେଦନ |
| ୪. | ଓଡ଼ିଆ ଶିଶୁଗୀତ |
| ୫. | ଛଗଛମାଳି ଓ ଝୁଡାଫୁଙ୍କା |
| ୬. | ଓଡ଼ିଆ ଲୋକଗୀତରେ ନାରୀବାଦ |
| ୭. | ଓଡ଼ିଆ ଲୋକଗୀତର ସାହିତ୍ୟିକ ମୂଲ୍ୟ |
| ୮. | ଓଡ଼ିଆ ଲୋକଗୀତରେ ସାଙ୍ଗୀତିକତା |
| ୯. | ଉପସଂହାର |

## (୨) ଓଡ଼ିଆ ଲୋକଗୀତର ସୃଷ୍ଟି ଓ ସ୍ୱରୂପ -:

ଲୋକଗୀତି ଲୋକଜୀବନର ଆବେଗର ପରିପ୍ରକାଶ, ଏହାର ଭାଷା ସରଳ ଅଥଚ ଭାବ ଗମ୍ଭୀର । ମୌଖିକ ପରମ୍ପରାଶ୍ରିତ ମାତ୍ର ଲିପି ଓ ଲେଖା ସୃଷ୍ଟିର ପ୍ରଥମ । ଲୋକକବି ପଲ୍ଲୀର କଥା ଲେଖନ୍ତି । ତାହା ମୁଖରେ ରହିଲେ ବି ଯୁଗ ଯୁଗରେ ହୃଦୟକୁ ଛୁଇଁଛି । ପଲ୍ଲୀ ଜୀବନର ସୁଖ-ଦୁଃଖ ପଲ୍ଲୀବାସୀର ଆଶାସ୍ୱପ୍ନ, ସେସବୁକୁ ସ୍ପର୍ଶ କରି ସେ ଗୀତ ରଚନା କରେ, ସେ ଗୀତ କୌଣସି ଜଣଙ୍କର ଗୀତ ହୋଇରହେନା । ଏହି ସ୍ୱତଃ ସ୍ଫୂର୍ତ୍ତ ସରଳ ପଲ୍ଲୀ ହୃଦୟର ସରଳ ସ୍ୱର ଆମେ ଯେତେବେଳେ ଶୁଣୁ ସେତେବେଳେ ଆମେ ମୁଗ୍ଧ ହେଉ, ଏତେ ସରଳ, ଅଥଚ ଏମିତି ମଧୁର । ଏହି ପଲ୍ଲୀ ସଙ୍ଗୀତ ଭିତରେ ଆମେ ଓଡ଼ିଶାର ପ୍ରକୃତ ରୂପ ଦେଖିବାକୁ ପାଉ । ଉତ୍କଳ ଜନନୀର ଯଥାର୍ଥ କରୁଣ ମୂର୍ତ୍ତି ଆମ ଆଖିଆଗରେ ଆମ୍ଭମାନଙ୍କ ଚକ୍ଷୁରେ ଫୁଟି ଉଠେ । ଆମ୍ଭେ ତା' ଦେହ ସୁଖ ଦୁଃଖ ଲୀଳା ଖେଳ ଓ ଯାତନାକୁ ନିଜର ବୋଲି ଭାବିବା ଆମ ଭିତରେ ରହିଯାଏ । ପୁରାଣ ମଧ୍ୟରେ ଏହା ପୁରାତନର ସ୍ଥାନ ଦିଏ । କାଳର ଅଗ୍ରଗତି ସହିତ ବରଂ ବର୍ତ୍ତମାନର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ଏକ ଯୋଗସୂତ୍ର ସ୍ଥାପନ କରେ । ଜୀବନକୁ ଜୀବନ୍ତ କରି ଦେଖାଇଦିଏ । ମାଟି ଉପରେ ପ୍ରକୃତିର ସ୍ଥାନ ଦିଏ । ଲୋକଗୀତ ପ୍ରାଚୀନ, ପୁଣି ଚିର-ନବୀନ । ଯୁଗେ ଯୁଗେ ଏହାର ରୂପ ବଦଳିବାର ଫଳରେ କି ପ୍ରାଚୀନ ତାହା ଅସ୍ପଷ୍ଟ ହୁଏ । ପ୍ରାଚୀନତମ ଯୁଗରୁ ଅନେକ ଲୋକଗୀତ ଓଡ଼ିଶାରେ ଆମ ନିକଟରେ ଆସି ପହଞ୍ଚିଛି ।

ସେ ଦିଗରୁ ଲୁଚିଲେ ଲୋକସାହିତ୍ୟ ବିଦଗ୍ଧ ସାହିତ୍ୟର ଜନକ । ଏଥିର ଶତାବ୍ଦି ଧରା ଥିବାରୁ ତାହା ମୁଖରୁ ମୁଖକୁ ଗତି କରୁଥିଲା । କ୍ରମେ ଲିପିବଦ୍ଧ ହେଲା । ପରେ ଯୁଗ ଯୁଗ ଧରି ତାହାକୁ ବିଭିନ୍ନ ଭାବର ସୃଷ୍ଟି ଶିକ୍ଷିତର ବିଦଗ୍ଧ ସାହିତ୍ୟ ଜନ୍ମ ହେଲା । ଏହାର ମୂଳରେ ଲୋକଗୀତ ଅବଦାନକୁ ବର୍ତ୍ତମାନ, ବର୍ତ୍ତମାନକୁ ଭବିଷ୍ୟତ ମାର୍ଗରେ ନେଇ ଯିବାକୁ ଲାଗିଲା । କିନ୍ତୁ ପ୍ରାଚୀନ ଜନ୍ମ ଲୋକ ସାହିତ୍ୟ ଆଧୁନିକତାରେ ସେହି ଯୁଗର ବାହକ ହୋଇ ରହିଲା । ତେଣୁ ଗୋଟିଏ ବାକ୍ୟରେ କହିଲେ ଲୋକଗୀତ ଅତୀତର ସାକ୍ଷୀ, ବର୍ତ୍ତମାନର ଆୟୁ ଓ ଭବିଷ୍ୟତର ଦର୍ଶୀ ।

ଲୋକଗୀତ କର୍ମକ୍ଲାନ୍ତ ମାନବକୁ ଯେପରି କର୍ମପ୍ରେରଣା ଦିଏ, ସେହିପରି ନିରାଶ ହୃଦୟରେ ଆଶାର ସଂଚାର କରେ; ବଞ୍ଚିବାକୁ ପ୍ରେରଣା ଦିଏ । ସମାଜକୁ ସୁସ୍ଥ ସୁନ୍ଦର କରି ଗଢ଼ିତୋଳିବାକୁ ପ୍ରେରଣା ଦିଏ । ଜୀବନରେ ହସିଦିଏ ସ୍ନେହ, ପ୍ରୀତି ଓ ମମତାର ଧାରା । ଏହି ଗୀତିକା ଗୁଡ଼ିକରେ କେବଳ ମଣିଷ ପ୍ରତି ସମବେଦନା ପ୍ରକାଶ ପାଇନାହିଁ; ବରଂ ସମାଜ-ଜୀବନକୁ କଳୁଷିତ କରୁଥିବା ଅସାମାଜିକ ଲୋକମାନଙ୍କ ପ୍ରତି ଘୃଣା ଓ ଉପହାସ ପ୍ରକାଶ ପାଇଛି । ତେଣୁ ଲୋକକବିର ସ୍ୱଚ୍ଛଦୃଷ୍ଟି ସମାଜକୁ ଯେପରି ଗ୍ରହଣ କରିଛି, ବିଦଗ୍ଧ କବି ତାହା ସେପରି ଗ୍ରହଣ କରିବା ସମ୍ଭବ ହୋଇନାହିଁ କିମ୍ବା ହେବାର ଅବକାଶ ମଧ୍ୟ ନାହିଁ । ଏହି ଦୃଷ୍ଟିରୁ ବିଚାରକଲେ ଲୋକଗୀତିକା ପର୍ଯ୍ୟାୟରେ ଓଡ଼ିଆ ଜନଜୀବନର ସୁସ୍ପଷ୍ଟ ପରିପ୍ରକାଶ । ଏହା ସାମାଜିକ ଜୀବନର ଏକ ଗୌରବମୟ ଇତିହାସ ।

ଲୋକସାହିତ୍ୟର ସମ୍ପଦକୁ ଲୋକଗୀତିରୁ ଓ ସମୃଦ୍ଧିଶାଳୀ କରିବା ହେଉଛି ଲୋକଗୀତ । ଲୋକକବି ଲୋକେ ଗାଉଥିଲି । ଏ ଗୀତର ଲେଖା ନାହିଁ କେହିତ ନିଜର ସମାଜ ପରିବେଶରେ ମନର ଭାବକୁ ନେଇ ସେ ଗୀତ ଗାଇଛି । ତାର ପ୍ରତ୍ୟେକରେ ତା' ସମାଜର ସାମଗ୍ରିକ ରୂପରେଖ ପ୍ରକାଶ - ଲାଭ କରିଥାଏ । ବାହ୍ୟ ଜଗତକୁ କେବେ ଲକ୍ଷ୍ୟ କରିନାହିଁ । କାରଣ ଆବଶ୍ୟକତା ମଧ୍ୟ ପଡ଼ିନାହିଁ । ବର୍ତ୍ତମାନ ପୁଣି ସବୁ ଲୋକଗୀତଗୁଡ଼ିକୁ ପରୀକ୍ଷା କଲେ ସମଗ୍ର ଓଡ଼ିଆ ଜାତିର ଜୀବନଧାରା ସେଥିରେ କିପରି ନଦୀଧାର ଭଳି ପ୍ରବାହିତ ଦେଖିବାକୁ ମିଳେ ।

ଆଲୋଚକ କୁଞ୍ଜବିହାରୀ ଆଚାର୍ଯ୍ୟ

ଲୋକଗୀତ ଗୁଡ଼ିକୁ ମୁଖ୍ୟତଃ ସାମାଜିକ, ଶିକ୍ଷାମୂଳକ ଓ ଧାର୍ମିକ – ଏହିପରି ତିନୋଟି ଶ୍ରେଣୀରେ ବିଭାଜନ କରି କାନ୍ଦଣା, ଦୋଳିଗୀତ, ଖେଳଗୀତ ପ୍ରଭୃତିକୁ ସାମାଜିକ ପଦ୍ୟାନ୍ତର, ଢଗଢମାଳି, ଡାକବଚନ ପ୍ରଭୃତିକୁ ଶିକ୍ଷାମୂଳକ ବା ଉପଦେଶାତ୍ମକ ଓ ଭଜନ, ଜୋଡ଼ାନାଟଗୀତ, ଋତୁପର୍ବ ଗୀତ, ଓଷା, ବର୍ତ୍ତବର୍ତ୍ତି ଗୀତ ଆଦିକୁ ଧାର୍ମିକ ବା ଧର୍ମ ଅନୁଷ୍ଠାନ ସମ୍ବନ୍ଧୀୟ ଗୀତ ହିସାବରେ ଗ୍ରହଣ କରିଛନ୍ତି । ଆଲୋଚକ ଆଚାର୍ଯ୍ୟଙ୍କ ଏହି ବିଭାଜନ ଯଥାର୍ଥ ହେଲେ

ହେଉଁ ବିଷୟବସ୍ତୁ ଦିଗରୁ ଲୋକଗୀତ ଗୁଡ଼ିକୁ ନିମ୍ନୋକ୍ତ ଭାବରେ ବିଭାଗୀକରଣ କରାଯାଇପାରେ ।

(୧) **କର୍ମମୂଳକ** :- କୁଅଳଗୀତ , ଗଉଡ଼ିଆଗୀତ , ଝୁଆରିଆ ନାଉଗୀତ , ଶଗଡ଼ିଆଳଗୀତ , ନାଉରିଆ ଗୀତ , ଗଣ୍ଡିଆ ବଜାଗୀତ ଇତ୍ୟାଦି ।

(୨) **ନୀତିନିୟମ ସମ୍ବନ୍ଧୀୟ** :- ପ୍ରବାଦ , ଢଗଢମାଳ , ଯମକଳନ ଇତ୍ୟାଦି ।

(୩) **ଧର୍ମମୂଳକ** :- ପର୍ବପର୍ବାଣି ଓ ଓଷାଗୀତ , ଓଷାକଥା ଇତ୍ୟାଦି ।

(୪) **ବୁଦ୍ଧିମୂଳକ** :- ନାଁ ଦିଆ ପ୍ରହେଳିକା , ବୁଝିବାଉଁଆ ବା ପ୍ରଶ୍ନୋତ୍ତର ଆଦି ।

(୫) **ନାରୀଜୀବନ ମୂଳକ** - ଦୋଳଗୀତ , କାନ୍ଦଣାଗୀତ , ପୁଚିଖେଳ ଗୀତ , ଶାଶୁଗୀତ ଆଦି ।

(୬) **ସମାଜ ଓ ବ୍ୟକ୍ତି ଚରିତ୍ର ସଂଶୋଧନ ମୂଳକ** - ଢଗଢମାଳି ।

(୭) **ଅନ୍ୟାନ୍ୟ** - ଏଗୁଡ଼ିକରେ ଆମେ କେତେକ ଗାଥାଗୀତିକା , ସମର ବୋଲି , ଦେଶାତ୍ମବୋଧ ଆଦିକୁ ଗ୍ରହଣ କରିପାରିବା ।

ଲୋକଗୀତିକା ଜୀବନର ବାଣୀ । ତାହା ଦୃଶ୍ୟକାବ୍ୟ - ବାଙ୍ମୟସ୍ୱର୍ଣ୍ଣୀ । ସମାଜ ଓ ଜୀବନ ସହିତ ସମ୍ପୃକ୍ତ ଲୋକଗୀତ ଯୁଗ ପୋଷାକରେ ପରିବର୍ତ୍ତିତ ହେଲେ ମଧ୍ୟ ତାହାର ଭାବ ସର୍ବଦା ଅପରିବର୍ତ୍ତିତ ରହିଥାଏ ।

ତେଣୁ ବିଦେଶୀ ପ୍ରତିଯୋଗୀ ହୋଇ ଆଜିକାଲି ଲୋକଗୀତରେ ବାରମ୍ବାର ପରିବର୍ତ୍ତନ ଲକ୍ଷ୍ୟ କରାଯାଉଥାଏ । ତେବେ ସର୍ବକାଳୀନ ମୂଲ୍ୟବୋଧ ହୋଇ କଳେବରକୁ ପରିପୁଷ୍ଟ କରିଥାନ୍ତୁ ହେଉ। ଚିରନୂତନ ଓ ଚିରନ୍ତନ ।

## ୨. ଓଡ଼ିଆ ଲୋକଗୀତର ବିଭିନ୍ନ ଦିଗ -

ବିଷୟବସ୍ତୁ ଦିଗରୁ ଲୋକଗୀତ ଗୁଡ଼ିକୁ କର୍ମମୂଳକ, ନୀତିନିୟମ ପ୍ରଚାରମୂଳକ, ଧର୍ମମୂଳକ, ନାରୀଜୀବନ ମୂଳକ, ସମାଜ ଓ ବ୍ୟକ୍ତି ସମାଲୋଚନା ମୂଳକ ଆଦି ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି । ନିମ୍ନରେ ସେଗୁଡ଼ିକ ବିଷୟରେ ବର୍ଣ୍ଣନା କରାଗଲା ।

### (କ) କୃଷକ ଗୀତ :-

କୃଷିକାର୍ଯ୍ୟ କରିବା ସମୟରେ କୃଷକ ନିଜ ଶାରୀରିକ କ୍ଳାନ୍ତିକୁ କିଛି ସମୟ ଭୁଲିଯିବା ପାଇଁ ଦୁଇ ଦୁଇ ଧାଡ଼ି ବର୍ଣ୍ଣରେ ସଙ୍ଗୀତର ଝଙ୍କାର ମେଲିଦେଉଥାଏ । ଅବଶ୍ୟ ତା' ଗୀତରେ ବ୍ୟବହୃତ ହେଉଥିବା ସମସ୍ତ ପଦ ଅର୍ଥପୂର୍ଣ୍ଣ ନୁହେଁ । ମହାଭାରତ, ରାମାୟଣ ଆଦି କଥାକୁ ସେ ନିଜ ପରିବେଶ ସହିତ ଯୋଡ଼ି ଯୁଝାଇ ନିଜସ୍ୱ ଶୈଳୀରେ ଗାନ କରିବାକୁ ଭୁଲି ନଥାଏ । ହଳ କରିବା ସମୟରେ ସେ ବେଳେବେଳେ ଗ୍ରାମର ଶୋଭାଦାନରେ ଲୀନ ହୋଇଥାଏ, ସେହି ସମୟ ତ କୃଷ୍ଣର ଲୀଳା ପାଇଁ ସେ ଗାଇଥାଏ -

* ରାମର ରାଇଆ ନୀଳାବତୀ ରାଣୀ
ଭାଇ ଜଳସ୍ରୀରେ ଗୋବୁଝରେ ପାଣି
ଆର୍ଯ୍ୟ ବନାଇଲେ ପାଟୋଦ ।
ଗଙ୍ଗାକୁ ନୀର ଆଣିଦେଉ ।.......

* ରାମ ଲକ୍ଷ୍ମଣ କୁଇଳୋଳି ରାଜ
ଏକ ମାଳେ ଲଙ୍କେଲି, ଏକ ମାଳେ ଅଯୋଧ୍ୟାପୁର
ଦାଣ୍ଡୁ ବାହୁଡିବେ ରାମ ସେ ଲକ୍ଷ୍ମଣ
ସୀତାଙ୍କୁ ନିବେ ଘେନିଣ ସେ । ........

## (ଖ) ଗଜଲିଆ ଗୀତ :-

ଏ ଦେଶରେ ଆନ୍ତ ସରକାରୀ ପ୍ରଚାର ପୂର୍ବରୁ ପରିବାର କାର୍ଯ୍ୟ ସୁରୁଖପଣେ ଗଜଲଦ୍ୱାରା ପ୍ରଚାରିତ ହୋଇଥିଲା । ସେଗୁଡ଼ିକ-ରେ ଗଜଲଗୁଡ଼ିକ ଭଉଣୀ ସାଙ୍ଗମାନେ ଓ ସାହିମାନେ । ଦିନ ରାତିର କଠିନ ପରିଶ୍ରମ ପୋଷୁ ସେ ଏକଲା ହୋଇଥାନ୍ତେ, କ୍ଲାନ୍ତ ହୋଇ-ଥାନ୍ତେ । କ୍ଲାନ୍ତିରେ ଅବସାଦ କୁଇଳି ସାଡିଥିବା ବେଳେ ଭଗବାନ ଏହି ସମୟରେ ଗୁଣୀଲୁଚି ସଙ୍ଗୀତର ଲହରୀ । ତା' ସଙ୍ଗୀତ ଶୁଣି ଶରୀର ମଧ୍ୟ ନିଜର କ୍ଲାନ୍ତି ଭୁଲିଯାଏ । ଶ୍ରାନ୍ତକ୍ଲାନ୍ତ ଗଜଲିଆ ସଙ୍ଗୀତର ତାଳେତାଳେ ଭୁଲିଯାଏ ବିଷାଦ ଓ ଶାରୀରିକ କଠିନ ପରିଶ୍ରମକୁ । ସେହି ଗୀତ ହେଲେ -

* ଘରକୁ ସୁନ୍ଦର ପଣ୍ଡପ ଘାନ
ଗାଁକୁ ସୁନ୍ଦର ନଡିଆ ଗୁଆ ବାଡି
ବଣକୁ ସୁନ୍ଦର ବିଲର ଧୂଆ ବାଳ
ଝିଅକୁ ସୁନ୍ଦର ଲମ୍ବା ଘଞ୍ଚା ବାଳ
ଷଣ୍ଢାକୁ ସୁନ୍ଦର ପଦାନ ଷାନଡାଳ
ଗୋଠକୁ ସୁନ୍ଦର କୁଣ୍ଡିଆ ଗାଈ
ଘରକୁ ସୁନ୍ଦର ପେଟେଟୋ । ଘରଣୀ
ନ କିଲୁ ଦାଦାଘର ଯୋ ।

## (ଗ) ସୁଆରିଆ ଗୀତ :-

ଉଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନରେ ସୁଆରିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ବିବାହ ସମୟରେ ସକାଳୁ ଭୁଇଁ ଉଠାଣରୁ ଆରମ୍ଭକରି ଶାଧାଣ ହୋଇଥାଏ। ସାଧାରଣତଃ ଗୁରୁଜନ ବ୍ୟକ୍ତି ଓଳୁଙ୍କୁ ବାହାନକରି ବୁଢ଼ାବ୍ୟ ଅତିକ୍ରମ କରିନା। ସମୟରେ ପଥକଷ୍ଟ ଜନିତ କ୍ଳାନ୍ତିର ରକ୍ଷା ପାଇବା। ପାଇଁ ସେମାନେ ଅନେକ ଅର୍ଥହୀନ ସଙ୍ଗୀତ ସୃଷ୍ଟିକରି ଗାଆନ୍ତି, ନିଜର ତାଳ, ମଜାଳିଆ କଥା ଓ ରସିକତାପୂର୍ଣ୍ଣ ବାକ୍ୟଦ୍ୱାର। ସେମାନେ ନିଜ ନିଜର କ୍ଳାନ୍ତି ଓ ପଥ ପରିଶ୍ରମକୁ ଭୁଲିଯାଇଥାନ୍ତି, ସେମାନେ ଗାଆନ୍ତି -

* ଝୁମ୍ପୁରା ଝାଉଁଲୋ।
ଘରକୁ କହିଲୋ।
ପରକୁ ପାଶିଲୋ।
ନଈକୁ ନଳୀଲୋ।
ଯମୁରା ଗାଡ଼ିକୁଲୋ।
ମଶାଣୁର ଗୁଣ୍ଡ ବିଧର ଲୋଚାଲୋ।
ଶାଙ୍କୁର ଗୁଞ୍ଜି ପାନରେ ଗୁଲୋ ।
ପାନ ଝାଙ୍କୁଡ଼ିକୁ ଘୁଞ୍ଚେଇ କହିଲୋ।
ପିକି ଗିକି ଗୁଣ୍ଡା ଘରର ମିଶାଲୋ। .......

## (ଘ) ମଇଁଷିଆଳି ଗୀତ :-

ମଇଁଷିଆଳି କିଏ କିଏ କରିଥାନ୍ତି, କି କର୍ମ ଅଟେ। ଏହା ଗୀତ ମଇଁଷିମାନଙ୍କ ସହିତ ବାହାରେ ସମୟ କଟାଇ ଦେଇଥାଏ। ତାର ସହିତ ସେମାନଙ୍କର ସମ୍ପର୍କ ଟିକେ ଅଭିନ୍ନ ଗଢ଼ି,

ଛାଉରଙ୍କା ଗୀତରେ , ପ୍ରକୃତ ବାହିବାପରେ ଏବଂ ପ୍ରେମର ଝୀନୁ ଦାଗରେ ମଇଁଷି ସ୍ୱରୂପ ସ୍ୱପ୍ନକୁ ପ୍ରତିଫଳିତ କରୁଥିବା ସ୍ୱପ୍ନରୁ ତା'ର ସେହି ନିଃସଙ୍ଗ ଜୀବନକୁ କିଛି ସମୟପାଇଁ ଆନନ୍ଦ ଦେଇପାରେ ସେ ଗୀତ ଗାଏ । ଏହି ଗୀତ ମାଧ୍ୟମରେ ସେ ତା'ର ମନର ଭାବକୁ ପ୍ରକାଶ କରେ । ନିଜ ଜୀବନର କଥା ଶୁଣି ପ୍ରୋତ୍ସାହିତ ସ୍ୱାମୀଙ୍କ ତା'ର ଏହି ଗୀତରେ ପ୍ରେମସୁଲଭ ଭାବ ଫୁଟିଉଠେ । ସେ ଗାଉଥିଲେ -

* ଚିତାକୁଣ୍ଡାଇଲୁ ଉପରେ ବାଲିଆ
ଚିତାକୁଣ୍ଡାଇଲୁ ଓ ଗୋ
ଗାଈଗୁଣି ଚିତା କୁଣ୍ଡାଇଲୁରେ ଦେଓରା
ହଜିଲି ମଇଁଷି ମୋତେ
x x x x x x x x x x x x x x x x x x
ଲିଲି ଲିଲି ଧାନ ଲମ୍ବ କିଆରୀ
ମଇଁଷି ଛୁଟିଯାଉ
ତୋତେ ଦୋଷ ଦେଉଛି ଚାଲୁ ଗାଆରେ
ଛୁଟି ଯିବା ଛୁଟିଯାଉ ।

### (ଙ) ଢୁଲିପଣ୍ଡା ଗୀତ :-

ଗ୍ରାମ ଗ୍ରାମ ବୁଲି ଗୀତଗାଇ ଭିକ୍ଷା ମାଗିବା ଢୁଲିପଣ୍ଡା-ପଣ୍ଡାମାନଙ୍କର ବୃତ୍ତି । ଢୁଲିପଣ୍ଡାଙ୍କ ଗୀତ ତାଙ୍କର ସମ୍ପଦ । ଏମାନେ ଦାନ ମିଳିଲେ ଗୀତ ଗାଉଥିବା ବେଳେ ଅନେକ ପୌରାଣିକ ଉପାଖ୍ୟାନ ତା' ଭିତରକୁ ଆଣିବା ଦେଖାଯାଇଥାଏ । ବିଭିନ୍ନ ଦେବାଦେବୀ ନାମର ମହତ୍ତ୍ୱ ସ୍ତୁତିରେ ବର୍ଣ୍ଣନା କରି ଧର୍ମ - ବିଶ୍ୱାସୀ ଓଡ଼ିଆ ମାନଙ୍କ ଠାରୁ ବେଶ୍ କିଛି ଭିକ୍ଷାଦାନ କରିଥାନ୍ତି । ଯେପରି -

* ଆଗଲା ଗୋରୁ ରାମନାମ ସାପକୁ ଛକିଲେକ ସାପୁଣି
ସ୍ୱପନେ ଦେଖିଲା ଗୋରୁ ସ୍ୱର୍ଗକୁ ଗଲେ ଚଢ଼ିଣ
ଆଜୁଂ ରାମନାମ ସାପକୁ ଛକିଲେକ କୋଇଁଠା
ଗାଇଁଗୋଠି ଘୁରୁ ଗାଁ'ର ଛେଳେ ଗଲା ଗନ୍ଧା ହୋ
ଆଜୁଂ ରାମନାମ ସାପକୁ ଛକିଲେକ ନଉଳ
କୁରୁକୁଳେ ଘୁରୁଗାଇକି ଗୋଠ ଗଲେ ଗିମାନ ।

## (୫) ନାଉରିଆ ଗୀତ :-

ନାଉରିଆ ନ ଛୋଡ଼ ନାଆ ବୋଲିଦେଇ ବିଭିନ୍ନ ପ୍ରକାର ମନଭୁଲାଣିଆ ଗୀତରେ ନାଆରେ ବସିଥିବା ବ୍ୟକ୍ତିମାନଙ୍କର ମନରେ ଆନନ୍ଦ ସୃଷ୍ଟି କରିଥାଏ । ଆହୁଲା ମାରିବା ସମୟରେ ସେ ସେତେ ଶାରୀରିକ କଷ୍ଟ ଅନୁଭବ କରେ । ସେଥିରୁ ସାମୟିକ ପ୍ରଶାନ୍ତି ପାଇଁ ଗୀତ ଗାଉଥାଏ । ଏହା ବ୍ୟତୀତ ନଦୀର ଦୁଇକୂଳରେ ସ୍ନାନରତା ଯୁବତୀ, କଳସୀରେ ପାଣି ନେଇ ଫେରିବା ସମୟରେ ଗୁଡ଼ିଆଉଥିବା ଯୁବତୀମାନଙ୍କୁ ଦେଖିବା ମାତ୍ରେ ସେ ଆଉ ଥରେ ଆତ୍ମହରା ହୋଇ ଗାଇ ଦିଏ । ଏହିପରି ନାଉରିଆ ଗୀତ ଉଦାହରଣ ସ୍ୱରୂପ । ଯଥା -:

* କି ଗୀତ ଗାଇଲୁ ନାଆ ମଝିରେ ବସି
କାନ ପାରିଧିରେ ଭୋଳ କରୁଛି
ହୃଦୟ ମୋର ଯାଉଛି ହୋ । .......

* କେଉଁ ଘାଟରୁ ନାଆକୁ ଫେରାଇ
ଜହ୍ନଆଲୁଅ ରାତିରେ ଗାଉଛୁ
ମିଠା ଗୀତ ହୋ । ..........

## (୬) ବୋଲି ଗୀତ :-

ଓଡ଼ିଶାବାସୀ ସେମାନଙ୍କର ସାମାଜିକ ଜୀବନରେ ବହୁ ପର୍ବପର୍ବାଣୀ ପାଳନ କରନ୍ତି ଯେଉଁ ପର୍ବରେ ଅନ୍ୟାନ୍ୟ ପର୍ବ ତୁଳନାରେ ଏକ ବିଶେଷ ଆମୋଦ ପ୍ରମୋଦ ହୋଇଥାଏ । ରଜପର୍ବ ଦିନ ଯୁବକ ଯୁବତୀମାନେ ଆନନ୍ଦ ଉଲ୍ଲାସରେ ଦିନ ।

ପ୍ରଥମ ରଜ ପୂର୍ବରୁ ଝିଅମାନେ ଦୋଳିଖେଳର ସେଥିରେ ବସି ଖେଳିବା ଆରମ୍ଭ କରିଦିଅନ୍ତି । ଦୋଳିଖେଳ ସମୟରେ ସେମାନେ ନିଜ ସାଙ୍ଗମାନଙ୍କୁ, ପ୍ରେମିକମାନଙ୍କୁ ବା ଭାଇଭଉଣୀମାନଙ୍କୁ ଲକ୍ଷ୍ୟ କରି ଦୋଳିରେ ଗୀତ ଗାଉଥାନ୍ତି । ଝିଅ ପ୍ରକୃତିକ ମିଶାମିଶି ହୋଇ ଏହି ଗୀତଗୁଡ଼ିକୁ ସ୍ୱତଃ ଓ ଭାବପୂର୍ଣ୍ଣ କରିଥାଏ । ଝିଅ ମନର ଉଚ୍ଛ୍ୱାସିତ ହାବ ସମସ୍ତ ଗୀତଟିକୁ ଉଦ୍ଦୀପିତ କରି ତୋଳିଥାଏ, ଯେପରି :-

* ଲୁଚାଇଲେ ଦେହ ଜଣା
ପ୍ରଥମେ ଆସିଲି ଯୌବନ
ଦୋଳିଖେଳି ହେଲୁ ଖଣ ।

ଏହାପରେ ସେହି ଅବିବାହିତ ଝିଅ ତା' ନିଜ କଥା କହିଥାନ୍ତି । ନିଜ ହୃଦୟରେ ସ୍ୱପ୍ନ, ପ୍ରେମ, ମନର ଭାବନା ତା'ର କଥା -

* ଗୁଣିଆରି ସାଗୀ ଛାଇ
ନଇଁଲା ଲୋଟଣିଆ ପୋଲ ଗଉଣି
ଦେଇଲା ପାଣ୍ଡୁଆରେ ଗାଉଁ ଆଣି
ଗୁଣିଲି ନିର୍ଭୟ ହାଣି
କୋଇଲି ଡାକିଲା ମୋ ଗୁଣି ଭୁଲିଲା
ଧଉଳି ଧୋଇର ଦାଣି ......

(ଗ) କାନ୍ଦଣା ଗୀତ -:

ଗୋଟିଏ ଝିଅ ଗୋଟିଏ ଘରେ ଜନ୍ମ, ଯୌବନ ଅତିକ୍ରମ କରି ଶ୍ୱଶୁରଘରେ ପଦାର୍ପଣ କରିବା ସମୟରେ କନ୍ୟାର ପିତାମାତା ତା'ର ବିବାହଜନିତ ବ୍ୟସ୍ତ ହୋଇଯାଆନ୍ତି । କନ୍ୟାର ସେ ଘରେ ରହିଛି । ସେଥିପାଇଁ ବିଦାୟବେଳରେ କାନ୍ଦନ୍ତି, ତାହା ତା' ପାଇଁ କେତେ ଯନ୍ତ୍ରଣାଦାୟକ ସାଙ୍ଗେ ସେ ନିଜର ପିତାମାତା, ଭାଇ-ଭଉଣୀ ବା' ଛାଡ଼ି ସେହିପରି ଅପରିଚିତ ସ୍ଥାନକୁ ଯାଆନ୍ତି । କିନ୍ତୁ ତାହା ସେମାନେ ତା' ପାଇଁ କେତେ ସୁନ୍ଦର ଭାବ ପ୍ରଦର୍ଶନ କରିଥାନ୍ତି? ସେଥିପାଇଁ ହୃଦୟରେ ବ୍ୟଥା - ନିହାତି ଭାବରେ

ପ୍ରଥମେ ହିଁ ଏମାନେ କାନ୍ଦିବାକୁ ଆରମ୍ଭ କରେ । ଶିଶୁ ବଡ଼ ହୋଇ ବାପା ଆଉ ଶାଶୁଘରକୁ ଯିବା ସମୟରେ କାନ୍ଦିବାର । ଏକ ସାମାଜିକ ପ୍ରଥା । ଏଥିରେ ତା'ର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବେଦନାସିକ୍ତ ହୋଇଉଠିଥାଏ । ତା'ର କାନ୍ଦଣା ଶୁଣି ସବୁ ସମୟରେ ସମାନ ହୁଏନି, ବିରହ ପରିବେଶ ଓ ଭାବରୁ ଯୁକ୍ତ ହୋଇଥିବା କାନ୍ଦଣା ଗୀତ ହୁଏ । ଏ କାନ୍ଦଣା ଗୁଡ଼ିକରେ ଆବେଗ ବି ରହିଥାଏ । ଏକ ମୋଟାମୋଟି ସମସ୍ତ ଦୁଃଖକୁ ପ୍ରକାଶ କରିଥାଏ । ଭବିଷ୍ୟତର ଆଶା-ଆକାଂକ୍ଷାକୁ ଆତ୍ମପ୍ରକାଶରେ ଗୀତ କରାଯାଇଥାଏ —

* କାଳୀ ମେଘ ବୋଲି ଝୁଣ୍ଟୁଣୁ ନାହିଁ ଲୋ ବୋଉ
କଳା ଗୁଣ୍ଡି ବୋଲି ଝୁଣ୍ଟୁ ଝୁଣ୍ଟୁ ନାହିଁ ଲୋ ବୋଉ
ମୋର ବଡ଼ପଣ କି ଦିନ ଯିବ ଲୋ ବୋଉ
ମୋ ସମ୍ପତ୍ତି କି ଘର ଯିବ ଲୋ ବୋଉ
ପିଲାଙ୍କର ଦୁଃଖ ଶୁଣି ହୋଇବ ଲୋ ବୋଉ
ମୋ ଜୀବନରେ ଲାଗିଲେ ଯମ କାଳିବ ଲୋ ବୋଉ

ସେହିଭଳି ବାପାଙ୍କ ଉଦ୍ଦେଶ୍ୟରେ କାନ୍ଦିକାନ୍ଦି ଗାଏ —

* ମୋର ବେଳେ ଜନ୍ମ ମାଗି ନ ଥାନ୍ତି ହେ ବାପା
ସେଥି ବେଳେ ଜନ୍ମ ମାଗି ନେଇଲ ହେ ବାପା
ଦିନା ଦିନ ବୋଲି ଗୁଣ୍ଡିଳ ଦେଲ ହେ ବାପା
ପରୁ ସାଙ୍ଗ ବୋଲି ମାଗି ଗୁଣିଲ ହେ ବାପା ।

ଏଭଳି ମାଆ କିମ୍ବା ବାପା ନୁହଁନ୍ତି, ନିଜ ଘରକୁ ଶାଶୁଘର ଯିବାବେଳେ ସାଙ୍ଗସାଥୀଙ୍କ ଉଦ୍ଦେଶ୍ୟରେ, ଏପରିକି ଗାଁର ଗଛ ଉଦ୍ଦେଶ୍ୟରେ ମଧ୍ୟ କାନ୍ଦିକାନ୍ଦି ଗୀତ ଗାଇଥାଏ ।

## ୩. ଓଡ଼ିଆ ଲୋକଗୀତରେ ସାମାଜିକ ଆବେଦନ :-

ଓଡ଼ିଆ ଲୋକଗୀତରେ ସାମାଜିକ ଆବେଦନ ଆଲୋଚନା କଲାବେଳେ କାହାଣୀଗୀତକୁ ଏଡ଼ିହୁଏ, କହାଯାଇପାରେ ଆକାଂକ୍ଷା ଉପରେ କେତେକ ନାରୀ ଚରିତ୍ର କଥା ଶୁଣାଯାଉ-ଛି। ଏମିତି ଅନେକ କ୍ଷେତ୍ରରେ ସେହି ଶୁଣାଯାଉଥିବା କଥା ସତ୍ୟ ବୋଲି ମନେ ହୋଇଥାଏ, ନାରୀର ଜୀବନଧାରା ଉପରେ ଏହିପରି। ଏହିଠାରେ ସେ ସମାଜର ପ୍ରତିଫଳିତ ହୋଇଥିବା ସ୍ୱରୂପ ଜଣାଯାଏ। ଲୋକଗୀତରେ ନାରୀ ସ୍ୱାଧୀନତା, ସ୍ୱାର୍ଥପରତା, ଅନ୍ଧବିଶ୍ୱାସ, ଶୁଭକର୍ମ ନିଷ୍ଠା, ଜାତିଆଣ, ସ୍ତ୍ରୀଧନ, ଯୌତୁକ ଆଦି ସମାଜରେ ବିବାହ ପରେ ସାମାଜିକ ଦାୟିତ୍ୱ। ବିବାହ ସମୟରେ ଆମ ସାମାଜିକ ନୀତିନିୟମ ଅନୁସାରେ ଝିଅମାନେ ନଣନ୍ଦମାନଙ୍କୁ ଉପଦେଶ ଦେବା, ଝିଅମାନେ ଭଉଣୀମାନଙ୍କୁ ବିଦାୟ ଦେବା ସମୟରେ କାନ୍ଦିକାନ୍ଦି କହୁଥିବା ଆଶିଷ, ମାତା ଓ ପିତାଙ୍କର ଉପଦେଶ ପ୍ରଦାନ ଆଦି ବହୁକଥା ଅନେକ ଲୋକଗୀତ ଉପାଦାନ ଭାବରେ ଏହି କାହାଣୀମାନଙ୍କରେ ପ୍ରକାଶିତ ହୋଇଛି।

ଝିଅକୁ ବିବାହ ବିଦାୟ ଦେବା ସମୟରେ ମାଆମାନେ କିପରି ଝିଅକୁ ଶିକ୍ଷା, ସେ ସମ୍ପର୍କରେ ସୁନ୍ଦର ଚିତ୍ର ଉଲ୍ଲେଖ କରିଥାନ୍ତି -

* ଯାଉ ଯାଉ ନ ଭୁଲିବୁ ଶାଶୁଘର ଲୋକେ
ସେ ତୋ ନିଜର ଭାଇ,
ଶୋଇ ଉଠି ସକାଳୁ
ସେ କଥାକୁ ଜମା କେବେ ହେଳା କରିବୁନି,

ଅନେକ ସମୟରେ ଶାଶୁଘର ବଧୂମାନଙ୍କ ପ୍ରତି ଅତ୍ୟାଚାରକୁ ନିରୀକ୍ଷଣ କରାଯାଇଥାଏ । ପ୍ରତି ପଦକ୍ଷେପରେ ବଧୂର ଦୋଷ ବାହାରକରି ଶାଶୁ , ନଣନ୍ଦ , ଯାଆମାନେ ଅତ୍ୟାଚାର କରିଥାନ୍ତି , ସାମାନ୍ୟ ମାତ୍ର ଭୁଲ ତ୍ରୁଟି ଲକ୍ଷ୍ୟ କରିବା ମାତ୍ରେ ଉଗ୍ର ରୂପ ଧାରଣ କରିଥାନ୍ତି । ତେଣୁ ପରବର୍ତ୍ତୀ ସମୟରେ ସେ ଯେତେବେଳେ ଶାଶୁ ହୁଏ ସେତେବେଳେ ସେ ତା'ପ୍ରତି ହୋଇଥିବା ଅପମାନର ଓ କାହାଣୀ ଶୁଣାଇ ଦେଇଥାଏ -

* ହସିଲେ ବୋଲନ୍ତି ଯୁବତୀ ଡାହୀ ହେଲାଣି
କାନ୍ଦିଲେ ବୋଲନ୍ତି ଯୁବତୀ କିଛ ମଲାଣି
ଉଠିଲେ ବୋଲନ୍ତି ଯୁଝା ଖୋଜ ହୋଇଲା
ଶୋଇଲେ ବୋଲନ୍ତି ଯୁବତୀ ଯୁଦ୍ଧ ପଡ଼ିଲା ।

ଯୌତୁକ ନିର୍ଯ୍ୟାତନାର କାହାଣୀ ଆମ ସମାଜରେ ଏକ ଦୈନନ୍ଦିନ ଘଟଣା । ସେଥିପାଇଁ ଅନେକ ନବବଧୂଙ୍କୁ ପ୍ରାଣ ହାରି ଦେବାପାଇଁବାକୁ ପଡ଼ିଥାଏ । ଯଦି ବାପଘରୁ ଯଥାଯୋଗ୍ୟ ଯୌତୁକ ନ ଦେଲେ , ସେଥିପାଇଁ ବୋହୂ ଝିଅଙ୍କୁ ବହୁ ଅପମାନର ଓ ଲାଞ୍ଛନା ଭରା ଶବ୍ଦବାଣକୁ ସହିବାକୁ ପଡ଼ିଥାଏ । ତା'ର ଏକ ସୁନ୍ଦର ଉଦାହରଣ ଏକ କବିତାରେ ଦେଖିବାକୁ ମିଳିଥାଏ -

* ଦେହ ଉପରେ ନାହିଁ ଗଣ୍ଡେ ଶାଢ଼ି
ବା' ଦେଇ ବୋଉ ଏବେ ପଠାନ୍ତୁ ଚିଠିରେ ।
ଦେଖିଲେ ଦୂରେ ଲୁଗା ପଣତ ନାହିଁ
ମିଶିଲା ଲୁଗା ଯେତେ ଦେଲେ ଛିଣ୍ଡାଇ ଦେଲା ।

ଏହିପରି କାନ୍ଦଣା ମାଧ୍ୟମରେ ନାରୀ ଜୀବନର ଜନ୍ମଠୁ ନିର୍ଯ୍ୟାତନା କାରୁଣ୍ୟ ପ୍ରକାଶ ପାଇଥିବାର ଜଣାପଡ଼େ। ପ୍ରତ୍ୟେକ କାନ୍ଦଣା ଗୀତରେ ନାରୀ ଜୀବନର ଅସହାୟତା, ନିଃସ୍ୱତା ଓ ବ୍ୟାକୁଳତା ପ୍ରକାଶ ଲାଭ କରିଛି।

**ପୁଚିଖେଳ ଗୀତ :-**

ଗ୍ରାମର ଝିଅମାନେ କୌଣସି ପୂଜା ପର୍ବର ଶେଷ ଦିବସରେ ପ୍ରତିଯୋଗିତା ପୂର୍ବକ ପୁଚିଖେଳ ଖେଳିଥାନ୍ତି। କିଛିଲୋକ କହି ଧୁମୁଡୁକୁଲୀ ଓ ଆଉ ଶେଷ ବାକିରେ ଝିଅମାନଙ୍କ ମଧ୍ୟରେ ପୁଚିଖେଳ ପାଇଁ ଏକ ପ୍ରତିଯୋଗିତା ହୋଇଥାଏ। ଏହି ଖେଳ ଖେଳିବା ଶରୀର ଗଠନରେ ସହାୟକ ହୋଇଥାଏ। ମାନସିକ ଶାନ୍ତି ଆଣିବା କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି। ଆଧୁନିକ ଯୁଗରେ ଏହି ପ୍ରତିଯୋଗିତା ବିଭିନ୍ନ କ୍ଷେତ୍ରରେ ଦେଖା-ଯାଉଥିଲେ ହେଁ ଏବେବି ଗ୍ରାମମାନଙ୍କରେ ଏହା ଲୋକକ୍ରୀଡ଼ା କ୍ଷେତ୍ରରେ ପରିଚିତ ହୋଇଛି। ପୁଚିଖେଳ ମୁଖ୍ୟତଃ ଦୁଇ ପ୍ରକାର। ଯଥା - ବସାପୁଚି ଓ ଠିଆପୁଚି।

**ବସାପୁଚି -**

* ପୁଚିଲୋ
ସା, ସା ପୁଚିଲୋ।
ଗାଈଗୋଠ କିଆରେ ମଉଳିଲି
ଧାନ କେଣ୍ଡା କେଣ୍ଡା ଫାଟୁଛି
ଆଲେଇ ଦେଲେଇ ଗଞ୍ଜା ହାଉ
ଭୋକୁ ଶାଗଗର ପାଉଛି ।

## ଚିଆ ଭୁଜି -:

ଚିଆ ଭୁଜି ନାଚଲୋ
ଗୋଟ ଦିନା ଆଚଲୋ
ଆଚଲୋ ବଣାକୁ ସାଲିଯିଲି
x x x x x x x x x x x x x
ଭୁଜି ଧରେ ଯୋଗୁ ଗାଛିର କୁଧା
କାଁ କାଡ଼ିଦେଲ ପାଣି ,

## ବିଭିନ୍ନ ପର୍ବ ଓ ଉତ୍ସବାଦି -:

ଓଡ଼ିଶାରେ ଅନେକ ଉତ୍ସବ ଓ ପର୍ବପର୍ବାଣି ପାଳିତ ହୋଇଥାଏ । ଏଗୁଡ଼ିକ ପାଳନ ଅବସରରେ କେତେ-ଗୁଡ଼ିଏ ଲୌକିକ ବିଧି ରହିଛି । ମାନସିକ ପରିତୃପ୍ତ ଉଦ୍ଦେଶ୍ୟ-ରେ ଦେବ ଦେବୀମାନଙ୍କ ପାଖରେ କିଛି କାମନା କରିବା ସହ, ଏ ସବୁର ପାଳନ ସାମାଜିକ ସ୍ୱୀକୃତି ଲାଭ କରିଛି । ଏହି ପର୍ବ ଓ ଉତ୍ସବର ପ୍ରଧାନ ଉଦ୍ଦେଶ୍ୟ ହେଉଛି ପରସ୍ପର ମଧ୍ୟରେ ସଖ୍ୟ ଓ ସୌହାର୍ଦ୍ଦ୍ୟ ବୃଦ୍ଧି ।

ପଲ୍ଲୀରେ ବାସକରୁଥିବା ଅଧିକାଂଶ ଆଦି-ବାସୀ ସମ୍ପ୍ରଦାୟ କୃଷି ଉପରେ ନିର୍ଭର କରୁଥିବାରୁ ଅବସର ପାଇଁ ସେମାନଙ୍କ ସମୟ ଯଥେଷ୍ଟ ଥାଏ । ସେଥିପାଇଁ ଏହି ଦିନଗୁଡ଼ିକରେ କୌଣସି କାର୍ଯ୍ୟ ନ କରି ଆନନ୍ଦ ଓ ପବିତ୍ର ମନରେ ଉତ୍ସବ ଓ ପର୍ବପର୍ବାଣୀ ପାଳନ କରିଥାନ୍ତି ।

କାରଣ ତଥା ମାନଙ୍କ ମଧ୍ୟରେ ହିଁ ଧର୍ମମାନଙ୍କ ଦ୍ୱାରା ପ୍ରତିଦିନ ପାଳିତ ହେଉଥିବା ତଥା ହେଉଛି ଚୁଗୁଲୁକୁଳି ତଥା । ଗ୍ରାମମାନଙ୍କର ପିଲାମାନେ କାରଣ ପାଇଁ କରନ୍ତି ଓହାର ଚୁଗୁଲୁକୁଳି ତଥା ପାଳନ କରିଥାନ୍ତି । ସେମାନେ ନିଜ ନିଜର ହାଲୁକୁଳି ବା ଦେବୀଙ୍କୁ ପ୍ରଶଂସା କରିବାକୁ ଯାଇ ଅନ୍ୟାନ୍ୟ ଦେବୀଙ୍କୁ ସମାଲୋଚନା କରିଥାନ୍ତି । ଯେପରି-

* ଆମ ହାଲୁକୁଳି ଖାଏ ଖିରି
ତୁମ ହାଲୁକୁଳି ଖାଏ ଗୁଣ୍ଡି
ଆମ ହାଲୁକୁଳି ହାତୀ
ତୁମ ହାଲୁକୁଳି ବାଇଁଗଣି

ଆମ ହାଲୁକୁଳି ଖାଏ ସୁଧା
ତୁମ ହାଲୁକୁଳି ସୁଇରେ ନିଆଁ

ଆମ ହାଲୁକୁଳି ଖାଏ ଗଜା ।
ତୁମ ହାଲୁକୁଳି ଦେଙ୍ଗାରେ ବଜା ।
ଆମ ହାଲୁକୁଳି ସୁନାରେ ଗଢ଼ି
ତୁମ ହାଲୁକୁଳି ଶୁଖୁଆକୁଳି; ଇତ୍ୟାଦି ।

(ଖ) ଓଡ଼ିଆ ଲୋକଗୀତ! —

ଆଜିର ଲୋକ ସାହିତ୍ୟିକଙ୍କ ମତରେ, ସେମାନଙ୍କର ଜୀବନଯାପନ ପଦ୍ଧତିର ବାହକ ତଥା ସମାଜର, ସେହିପାଇଁ ସୃଷ୍ଟିର ପ୍ରଥମ ବେଳାରେ ଲୋକମାନଙ୍କର

ଉକ୍ତି ନିମିତ୍ତ ଯୋଜନା ପ୍ରସ୍ତୁତ କରାଯାଇଛି । ଶିଶୁ ପାଇଁ ଗର୍ଭାବସ୍ଥା ସାଧାରଣଙ୍କ ପିତାମାତାଙ୍କ ନିକଟରେ ଉପ ସ୍ଥାପିତ କରିଥିଲି । ସେଣୁ ଶିଶୁକୁ ସ୍ନେହ ଓ ମମତା ଦେଇ ଆଦରର ସହ ପାଳନ କରିବାକୁ ପ୍ରତ୍ୟେକ ପିତାମାତାଙ୍କର, ମାଆମାନେ ଓ ଜେଜେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି , ଶିଶୁକୁ ହଳଦୀ ଲଗାଇଦେବା ସମୟରେ , ଖୁଆଇବା ସମୟରେ , ବୁଲାଇବା ସମୟରେ ଏବଂ ଶୁଆଇବା ସମୟରେ ମାଆମାନେ ବିଭିନ୍ନ ପ୍ରକାର ଗୀତ ଗାଇଥାନ୍ତି । ଏହି ଗୀତ ର ମଧୁରତାରେ ପିଲାମାନେ କେବଳ ଆନନ୍ଦ ଭୋଗିଥାନ୍ତି । ଏହା ମଧ୍ୟରେ ଅନେକ ଶିକ୍ଷଣୀୟ ବିଷୟ ମଧ୍ୟ ସ୍ଥାନ ପାଇଥାଏ । ପିଲାଙ୍କୁ ବୁଲାଇଦେବା ସମୟରେ ମାଆ ଗୀତ ଗାଉଥାଏ -

* ଝୁଲୁଝାପି , ଝୁଲୁଝୁପି
ଝୁଲିଲେ ପାଉଞ୍ଜି ବାଜୁଛି
ଝାପି ଝୁଲୁରେ , ବାଆ ବାଜିବାର ଝୁଲୁରେ ଝାପି

<u>ନିଦ୍ରାଇବା ସମୟରେ -</u>

* ଧୋ' ଧୋଇକିତ । ଧୋଇକି
ମାଡ଼ୁଆ ମାଇଲା କୁନ୍ଦାପାଇକି
ଆଉ କୁନ୍ଦାପାଇ ଯାଉ ଧୋଇକି ?

## ଶିକ୍ଷଣୀୟ ଗୀତ -

ଏକଟା ମଣିଷଟା ମୁଣ୍ଡଟା ଗୋଟାଏ।
ତିନିଟା ନଦୀଘୋଡା ଚାରିଟା ଖାଲେ ଘର
ପାଞ୍ଚଟା ନଈଁ ପୋତା ଛଅଟା ଗୋଲ୍ଲୁ ଏହ ଇତ୍ୟାଦି

ଆଉ କେତେକ ଶିଶୁଗୀତ ରହିଛି, ଯାହା ଗାଇଗାଇ ଶିଶୁମାନେ ଆନନ୍ଦ ଉପଭୋଗ କରିଥାନ୍ତି। ଖେଳିବା ସମୟରେ ବୁଲିବା ସମୟରେ ପିଲାମାନେ ଏହି ଗୀତ ଗାନ କରିଥାନ୍ତି। ଏହାଦ୍ୱାରା ସେମାନଙ୍କର ମଧ୍ୟ ଉଚ୍ଚାରଣ ବିଶୁଦ୍ଧ ହୁଏ। ସ୍ୱତଃ ସ୍ଫୁର୍ତ୍ତ ପ୍ରତିଯୋଗିତା ମନୋଭାବ ଜାଗ୍ରତ ହୋଇଥାଏ।

* ଚକା ଚକା ଭଉଁରୀ ମାମୁଁଘର ସଉଁରି
ମୋ ମାମୀ ନାଁ ଗଉରୀ ତୋ ମାମୀ ନାଁ ଗଉରୀ
ନାଁ, ତୋ ମାମୀ ଗଉରୀ ମୋ ମାମୀ ନାଁ ସଉରୀ
ଆମେ ନଈରେ ଯିବା ଗଳୁଁରି ଚେକି ଧରି ନାଉରୀ
ଚକା ଚକା ଭଉଁରୀ ; ଇତ୍ୟାଦି ।

* ହରିକିଲି ମିଲିକିଲି ଫୁଲଗୋଲା କାଉଁଚ
ଫୁଲଟି ଖୋସାରୁ ନାଲି ଚାଉଳି
ନାଲି ଟେଁ ଟେଁ ବଜାଉଛୁ।
ଗୋଲିକ ହଲାରେ ଗୋଲିକ ଘୂରା ; ଇତ୍ୟାଦି ।

ଏହି ଶିଶୁଗୀତ ଗୁଡିକ କେବଳ ଶିଶୁଙ୍କ ମନୋରଞ୍ଜନ ପାଇଁ ନୁହେଁ, ବରଂ ସେମାନଙ୍କ ମାନସିକ ବିକାଶରେ ବହୁ ସହାୟକ ହୋଇଥାଏ।

## (ଖ) ଓଡ଼ିଆ ଢଗଢମାଳି ଓ ଗୁଣିଗାରେଡ଼ି :-

ଢଗଢମାଳିର ଦ୍ୱିବିଧ ରୂପ ପରିଲକ୍ଷିତ ହୋଇଥାଏ ଯଥା ଗଦ୍ୟରୂପ ଓ ପଦ୍ୟରୂପ । ଲୋକଜୀବନର ବିଭିନ୍ନ ଆଚାର ବିଚାର, ନୀତିନିୟମ, ବିଧି-ବ୍ୟବସ୍ଥା ଏହି ଢଗଢମାଳି ଗୁଡ଼ିକରେ ପ୍ରକଟିତ । ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର ରୂପ ଜଟିଳ ଓ ଚିନ୍ତନ ଅଦ୍ଭୁତ । ଓଡ଼ିଆ ଲୋକସଂସ୍କୃତି ଓ ସାମାଜିକ ଜୀବନ ଏଥିରେ ଲକ୍ଷିତ ରୂପ ନେଇ ପ୍ରକାଶ ଲାଭ କରିଛି ।

ଗାଁ-ଗଣ୍ଡାରେ ଅନେକ ସାମାଜିକ ଅନୁଷ୍ଠାନ ଓ ଅନ୍ଧବିଶ୍ୱାସ ସୃଷ୍ଟି ହୋଇଥାଏ । ଡାହାଣୀ ଲାଗିବା, ଭୂତପ୍ରେତ ଲାଗିବା, ଗଣକଙ୍କର ଖେଳ ଆଦି ବିଷୟରେ ଗୁଣିଗାରେଡ଼ି କରାଯାଇଥାଏ । ଲୋକ ବିଶ୍ୱାସରେ ଏହି ଭୂମିରେ ହିଁ ଏହା ପ୍ରଚଳିତ । ସେହିପାଇଁ ଗାଁରେ ଗୁଣିଆ ମାନଙ୍କର ସାହାଯ୍ୟ ବ୍ୟକ୍ତିବିଶେଷ ତଥା ସାମାଜିକ ମର୍ଯ୍ୟାଦା ଅଧିକ । ଯେବେ ଡାହାଣୀ ଲାଗିଲେ ଗୁଣିଆ ଡାକି ସେଇ ନିରାକରଣ, ଯେଉଁ ହାଣ୍ଡି ହୋଇଥିବ ବ୍ୟକ୍ତିକୁ କାଳପାଣି ପିଆଇବା, ଭୂତ ଛଡ଼ାଇବାକୁ ହୋମ ଜାଳି ଲଙ୍କାଧୂଆଁ ଦେବା, ବଣ ଜଙ୍ଗଲ ଅଧିକାର ମଧ୍ୟରେ ଓଡ଼ିଆ ସମାଜରେ ସେଇଠୁ ବିଭିନ୍ନ ପ୍ରାପ୍ୟଙ୍କୁ ବିଭିନ୍ନ ଦେବଙ୍କୁ ସମର୍ପଣ କରି ନିର୍ଭୀକ ହୋଇ ରହିବା ପ୍ରଥା କାଳରୁ ଚଳି ଆସୁଛି । କିନ୍ତୁ ବର୍ତ୍ତମାନ ଅନେକାଂଶ ସାହସ ହୋଇପାରେ ବୋଲି ଲୋକବିଶ୍ୱାସ ପ୍ରଚଳିତ ହେଲା । ଗୁଣିଆ ଦ୍ୱାରା ସେଇ କରାଇଲେ ଭୂତ, ପ୍ରେତ, ଶୁଙ୍ଖଳାବଦ୍ଧ କାଳୁ ମୁକ୍ତି କରାଯାଇପାରେ ନାହିଁ ବୋଲି ବିଶ୍ୱାସ ହେଲା ।

## ଜଣ୍ଡା ଝା'ଡ଼ୁଆ ମନ୍ତ୍ର :-

* ପୁଣା ମୋହର ସାଥୀ
ଶୁଁ ଗୁଣିଙ୍କ ଯନ୍ତ୍ରର ଡାଆ
ଉଡ଼ୁ ଉଡ଼ି ଗୁରୁ ଡାଆ
ଏଡ଼ୁ କୋଡ଼ି କାହାର ଆଜ୍ଞା।
ଶ୍ରୀ ଗୁରୁଙ୍କର ବୋଲିରେ ଆଜ୍ଞା।

## ଘୋଡ଼ା ଝା'ଡ଼ୁଆ ମନ୍ତ୍ର :-

* ବଣ ଡାଆ ଉଆଣୁଣୀ ଖାଉଆଣୀ ଦେଇ।
ନଷ୍ଟ ନାହିଁ କୋଡ଼ି ଛାଡ଼େ ଜାଗର।
ଶାନ୍ତି କାହାର ଗୁଣ
ଶାନ୍ତି ଗୁରୁଙ୍କର ଗୁଣ
ଗୁରୁ କୋଡ଼ରେ ଡାଆ ସମାପିକ ହେଉ
ଦୋଷ କୋଡ଼ି କାହାର ଆଜ୍ଞା।
ଗୁରୁଙ୍କର କୋଟି କୋଟି ଆଜ୍ଞା।

ଏବେ ମଧ୍ୟ ଓଡ଼ିଶାରେ ଜନଜାତିମାନଙ୍କରେ ଏହି ମନ୍ତ୍ରମାନଙ୍କର ପ୍ରଭାବ ଦେଖାଯାଉଛି। ବିଜ୍ଞାନର ପ୍ରଗତି ଏହାର ପଥକୁ ପ୍ରତିରୋଧ କରିପାରିନାହିଁ, କାରଣ ଲୋକ ବିଶ୍ୱାସ ଏହାର ମୂଳଭିତ୍ତି ହୋଇଥିବାରୁ ଏହି ପରମ୍ପରାର ପ୍ରଚଳନ ଏବେ ମଧ୍ୟ ଜୀବନ୍ତ। ପ୍ରାସଙ୍ଗିକ ମନେହୋଇଥାଏ।

## ୨. ଓଡ଼ିଆ ଲୋକଗୀତରେ ନାରୀବାଦ :-

ନାରୀ ଓ ପୁରୁଷଙ୍କ ସମ୍ମିଳନରେ ସମାଜ ଗଢ଼େ । ସୁସ୍ଥ ସମାଜର ବା ପରିବାରର ସୁସ୍ଥ ପରିଚାଳନାରେ ନାରୀର ଭୂମିକା ମୁଖ୍ୟ । ସେ ଜାୟା, ଜନନୀ ପୁଣି ଭଗିନୀ । ନାରୀର ପ୍ରକୃତ ରୂପ । କୋମଳ ହୃଦୟ ଧାରିଣୀ ଓ ଅନୁପମ ସୃଷ୍ଟିକାରିଣୀ, ପ୍ରଥମ ରୂପ ଅପେକ୍ଷା ଦ୍ୱିତୀୟ ରୂପ ଗରୀୟସୀ ଓ ମହୀୟସୀ, ଲୋକଗୀତର ଅଧିକାଂଶ ଭାଗ ନାରୀ ଦ୍ୱାରା ହିଁ ରଚିତ । ତା' ଜୀବନ ର ଦୁଃଖ ଓ ନିର୍ଯ୍ୟାତନାର କାହାଣୀରେ ଭରା ରହିଛି, ପୁରୁଷ ପ୍ରଧାନ ସମାଜରେ ତା'ର ଭୂମିକା ନଗଣ୍ୟ ହେଲେହେଁ, ସେ କେବେ ତାହା ପ୍ରତି ପ୍ରତିବାଦ କରିନାହିଁ କିମ୍ବା ଅପେକ୍ଷା କରିନାହିଁ । ଶାଶୁଘରେ ଶାଶୁଙ୍କ, ନଣନ୍ଦଙ୍କ ଓ ସ୍ୱାମୀଙ୍କ ନିର୍ଯ୍ୟାତନା ସହି ଆସୁଅଛି ଦେଇଛି । ସ୍ୱାମୀ ଅପେକ୍ଷିତା ନାରୀ; ତେଣୁ ତା'ର ଦୁଃଖକୁ ପ୍ରକାଶ କରିବାକୁ ଯାଇ କହିଛି :-

ହାଟରେ ଥାକିଲି ତୋର ଗୁଣ୍ଡିରେ ।
ଦିନରେ ଥାକିଲି ବନ୍ଦୀ
ଶ୍ରୀରାମ ମାଧବଙ୍କୁ ଶୋଇବାକୁ ଗଲି
ଶୋକ ଦେଖି ଦେଲି ଦେଲି ।

ପ୍ରକୃତରେ ନାରୀହିଁ ନାରୀର ଶତ୍ରୁ । ଆମ ସମାଜ ପୁରୁଷ ପ୍ରଧାନ ସମାଜ ହେଲେ ହେଁ ପ୍ରତି ମୁହୂର୍ତ୍ତରେ ନାରୀ କେବଳ ନାରୀ ଦ୍ୱାରା ଅତ୍ୟାଚାରିତ ହୋଇଆସିଛି । ଶାଶୁ ଅତ୍ୟାଚାର କରେ ବୋହୂ ଉପରେ ନଣନ୍ଦ ଅତ୍ୟାଚାର କରେ ଭାଉଜ ଉପରେ । ଆଜିକାର ଯୁଗର ସେମାନେ ମଧ୍ୟ ଶାଶୁରେ

ପରିଣତ ବେଳକୁ ତା'ର ପ୍ରତିବାଦ ନିଷ୍ପତ୍ତି କୋହ୍ଲୁ ହୁଏନ୍ତେ। ଲୋକଗୀତର ପ୍ରଦେଶ ଭଳି ଗୀତରେ ଶାଶୁ ବ୍ୟବହାରର ଚିତ୍ର ସ୍ପଷ୍ଟ ହୋଇ ଉଠିଛି :-

* ଶାଶୁ ମାରୁଥାଏ କୋଉକୁ
କୋଉ ସୁନାପାଇଁ ଗାଉଁକୁ ମାରିବ
ମାରୁଥାଏ ଗୁଳି ସୁନ୍ଦରୀକୁ।

ଶାଶୁମାନଙ୍କର ବ୍ୟବହାର କେତେବେଳେ ଉଗ୍ର ସୀମା ଅତିକ୍ରମ କରିଯାଇଥାଏ। ଯୋଉଥିପାଇଁ କୋହ୍ଲୁ ଶାଶୁର ମୃତ୍ୟୁପାଇଁ ମାନସିକ କରେ। ଶାଶୁର ମୃତ୍ୟୁରେ ତା' ନିର୍ଯାତନାରୁ ମୁକ୍ତି ମିଳିବ ବୋଲି ତା'ର ଧାରଣା ହୋଇଥାଏ, ସେଥିପାଇଁ ଲୋକଗୀତରେ ଶାଶୁ ନିର୍ଯାତନାର ଭଳି ଚିତ୍ର ଦେଇ ସ୍ପଷ୍ଟ ଦାରୁଣରୁ ଦେଖିହୁଏ ଶାଶୁଙ୍କ ଗୀତରେ କରିଥାଏ —

* ତୁମରେ ଶୋଭିଲି ଜିନା।
ଶାଶୁମରୁ ବୋଲି କହୁଥା ଜୀବ
ଦେଉଳେ ଲାଗନ୍ତି ଦୀପ।
କାନ୍ଦିଲେ ସୁନା ଗାଠ
ଶାଶୁ ମରିବାର ଖୁସିରୁ ସୁଖ
ଦେଉଳେ ଲାଗନ୍ତି ଦେବ।

ଅଳିକଳିତ ବହୁତ ତା'ର ସାଙ୍ଗସାଥୀ ମାନଙ୍କ ଠାରୁ ବ୍ୟବହାର କାହାଣୀ ଶୁଣିଶୁଣି ଦାରୁଣ ଭଳି ଯନ୍ତ୍ରଣା ବୋଲି ଧାରଣା କରିଥାଏ। ସେଥିପାଇଁ ତା' ନିଜ ପ୍ରେମିକ ସ୍ୱାମୀକୁ ଦେଖାଇ ଦେବାକୁ ସେ ତା' ହାତକୁ ଅନୁରୋଧ କରିଥାଏ କାହାଣୀ ଗୀତରେ -

* ଦିଆ ଆଣ୍ଠୁଶୁଣା ଖିଲି ଭଉଣୀ ସଞ୍ଜିଆନାନୀ
ଚଉକି ଡେଙ୍ଗରେ ପାଖାନ୍ତି ବଇ ସଞ୍ଜିଆନାନୀ
ଆସନ୍ତା ସକାଳୁ ପାଖାନ୍ତି ବୋଉ ସଞ୍ଜିଆନାନୀ

<u>ବାଦ୍ୟ :-</u>

ଓଡ଼ିଆ ଜାତି ନିଜ ହୋସେଲ କରି ବାଦ୍ୟମାନଙ୍କୁ ବ୍ୟବହାରରେ ଆନନ୍ଦ ଲାଭ କରେ । ହୋସେଲ କାର୍ଯ୍ୟରେ ନିଜ ବୃତ୍ତି ର ନିପୁଣତା ପ୍ରଦର୍ଶନ କରିବାକୁ ସେ ବେଶ୍ ଆଗ୍ରହୀ । ସେହିପାଇଁ ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବ ମାନଙ୍କରେ ଚଉଦହି ବିଭିନ୍ନ ବାଦ୍ୟର ବର୍ଣ୍ଣନା ଉଦ୍ଭବ ହୋଇଥିବାର ଲକ୍ଷ୍ୟ କରାଯାଏ।

ସମୟେ ସମୟେ ପର୍ବପର୍ବାଣୀ ସବୁଦିନ ମାନେ ବିଭିନ୍ନ ପ୍ରକାର ବାଦ୍ୟ ବାଜଣାକୁ ଯୋଗ କରିଥାନ୍ତି । ବିଶେଷତଃ ଲୋକ-ମାନେ ପର୍ବପର୍ବାଣୀ ଉତ୍ସବମାନଙ୍କର ଢୋଲ । ତୁରୀ ଭେରୀ । ବାଦ୍ୟ ବାଜଣାର ସ୍ତୁତି ଦେବାକୁ ଯାଇଛନ୍ତି ।

* ଡାକ ଶୁଣୁ । ଡାକ ଶୁଣି କାହୁ ଡେଙ୍ଗେ ଶୁଆଡ
ବାହୁଳାକ ଦିଏ । କରିବ ବଣି ଆହୁଲା ଯୁଦ୍ଧ
କାନ୍ଦୁଣୀ କୁଳକୁ ଟାଣିବି ଦିନେ ଶୁଣୁରେ ବାହୁ
ଝୁଡ଼ିମାନେ ବାଙ୍କୁ ବାଟରେ ହେବେ ଲୋକକାହାଣୀ ।

<u>ବ୍ୟବସାୟ ବାଣିଜ୍ୟ -:</u>

ନୌବାଣିଜ୍ୟ ଜୀବନରେ ଥିଲା । ଓଡ଼ିଆଙ୍କର ସମସ୍ତ ଭାରତ ବର୍ଷରେ ଶୀର୍ଷସ୍ଥାନ ଅଧିକାର କରିଥିବା ବିଷୟ ଇତିହାସ ସ୍ୱୀକାର କରେ । ସେହି ନୌବାଣିଜ୍ୟ ପରମ୍ପରାର

ସ୍ମୃତିସ୍ୱରୂପ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା କାର୍ତ୍ତିକ ପୂର୍ଣ୍ଣିମା ଦିନ ଆମେ ଡଙ୍ଗାଭସା ଉତ୍ସବ ପାଳନ କରୁଛୁ । ଡଙ୍ଗା ଭସାଇବା ସମୟରେ ଏକ ସ୍ୱରରେ ଓଡ଼ିଆମାନଙ୍କ କଣ୍ଠରୁ ବାହାରିଆସିଥାଏ -

ଆ କା ମା ବୈ
ଗୁଆପାନ ଥୋଇ
ଗୁଆପାନ ତୋର
ମାସକ ଧରମ ମୋର ।

## ସାମାଜିକ ବିଶ୍ୱାସ ଓ ପରମ୍ପରା :-

ଓଡ଼ିଆମାନେ ନିଜର ପରମ୍ପରା ଓ ସାମାଜିକ ବିଶ୍ୱାସବୋଧ ପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଓଡ଼ିଆ ଲୋକମାନଙ୍କର ଏହାର ପରିପ୍ରକାଶ ଅନୁଭବ କରାଯାଏ । ମାତୃକୁଳର ତିନିପୁରୁଷ, ପିତୃକୁଳର ତିନିପୁରୁଷଙ୍କୁ ଆମେ ଶ୍ରାଦ୍ଧ, ହୋମ, ତର୍ପଣ ବା ପିଣ୍ଡଦାନ ଆଦି ଅନୁଷ୍ଠାନରେ ସ୍ମରଣ କରୁ; କିନ୍ତୁ ଦୀପାବଳି ଦିନ ଆମେ ସେମାନଙ୍କୁ ଆବାହନ କରୁ ଆଜିଯାଏ ଅବ୍ୟାହତ ପରମ୍ପରାରେ ସମସ୍ତ ସନ୍ତାନେ ଆହ୍ୱାନ ସମସ୍ତେ ଏକ ସ୍ୱରରେ ଡାକୁ -

* ଆହେ ବଡ଼ବଡ଼ିଆ
ଅନ୍ଧାରରେ ଆସ , ଆଲୁଅ ପାଅ
ବାଇଶି ପାହାଚରେ ମହାପ୍ରସାଦ ଖାଅ ।

## (ଓ) ଓଡ଼ିଆ ଲୋକଗୀତର ସାହିତ୍ୟିକ ମୂଲ୍ୟ :-

ସାହିତ୍ୟ ନିତ୍ୟ ପରିବର୍ତ୍ତନଶୀଳ । ଭାଷାଭାବର ନିରୀକ୍ଷଣ ନ କଲେ ତାହାର ଆଙ୍ଗିକ ଓ ଆତ୍ମିକରେ କୌଣସି ପରିବର୍ତ୍ତନକୁ ସହଜରେ ଜାଣି ହୋଇପାରେ । ଏହି ପରିବର୍ତ୍ତନ ସାହିତ୍ୟକ୍ଷେତ୍ରରେ ଏକ ସ୍ୱାଭାବିକ ନିୟମ । ମୌଖିକ ଭାବ ଧାରାରୁ ଲୋକସାହିତ୍ୟର ସୃଷ୍ଟି । ମାତ୍ର ଲିଖିତ ରୂପ ପରିଗ୍ରହ କରିବାପରେ ମଧ୍ୟ ତାହାର ଭାଷାରୁ ଆଙ୍ଗିକ ଓ ଆତ୍ମିକରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଯେଣୁ ତାହାର ମୌଳିକ ଭାବ ବିଚ୍ୟୁତି ହୋଇନାହିଁ ।

## (କ) ଲୋକଗୀତରେ ରସ ପରିଚର୍ଯ୍ୟା :-

'ରସ୍ୟତେ ଇତି ରସଃ' - ଯାହା ଆସ୍ୱାଦନ କରାଯାଏ, ତାହାହିଁ ରସ । ତାହା ମାନବର ହୃଦୟକୁ ଅଲୌକିକ ଭାବ ରାଜ୍ୟରେ ଉଦ୍ଭାସିତ କରି ରଖିଥାଏ । ଓଡ଼ିଆ ଲୋକଗୀତରେ ମଧ୍ୟ ବିଭିନ୍ନ ରସର ଉପସ୍ଥିତି ପରିଲକ୍ଷିତ କରାଯାଏ ।

### (i) ଶୃଙ୍ଗାର ରସ :-

ଶୃଙ୍ଗାର ରସକୁ ଆଳଙ୍କାରିକ ଶାସ୍ତ୍ରରେ ଆଦିରସର ଗୌରବ ପ୍ରଦାନ କରାଯାଇଛି । ରତି ହେଉଛି ଶୃଙ୍ଗାର ରସର ସ୍ଥାୟୀଭାବ । ଏହା କିଶୋରାବସ୍ଥା ଯୌବନାବସ୍ଥାରେ ହିଁ ପରିଲକ୍ଷିତ ହୋଇଥାଏ । ନାରୀ-ପୁରୁଷର ପରସ୍ପର ପ୍ରତି ଅନୁରାଗ ଦ୍ୱାରା ହିଁ ଏହା ସୃଷ୍ଟି ଲାଭ କରିଥାଏ । ଲୋକଗୀତ ଦୋଳି ଗୀତ, ନାଇଡ଼ିଆ ଗୀତ, ମଇଁଷିଆଳ ଗୀତ, ଡାଲିଆ ଗୀତ ଆଦିରେ ଏହା ଲକ୍ଷ୍ୟ କରାଯାଇଥାଏ ।

ବାହୁଡ଼ିଥିବା ନଦୀରେ ନାଆ ମେଲିଦେଇ ସଙ୍ଗ ଦେଉଥିବା ସମୟରେ ତାଙ୍କ ହୃଦୟର ନାୟିକା ଉଦ୍ଦେଶ୍ୟରେ ବୋଇତ ଗୀତ ଗାଇଥାନ୍ତି । ସେଥିରୁ ଶୃଙ୍ଗାର ରସର ଯୋଗାଣ ମିଳିଥାଏ -

* କି ଶୀତ ଲାଗୁଛୁ ନାଆ ସଙ୍ଗେ ବସି
କାନ ପାରୁଛୁ ଶୋଭା କରୁଛି
ଶୁଣ ନା ବୋଉ ଅଛି ହୋ ।

(ଖ) <u>କରୁଣ ରସ</u> :-

ପଲ୍ଲୀକବି କରୁଣ ରସକୁ ମୁଖ୍ୟ ସ୍ଥାନ ପ୍ରଦାନ କରିଛନ୍ତି । ଶୋକ ହେଉଛି ଏହି ରସର ସ୍ଥାୟୀଭାବ । ଲୋକ-ଗୀତରେ କରୁଣ ଗୀତିକା ଗୁଡ଼ିକ ହେଉଛି ଏହି ରସର ପ୍ରକୃଷ୍ଟ ଉଦାହରଣ । ବିବାହ ସମୟରେ ଝିଅ ଶାଶୁଘରେ ଅସମ୍ଭାଳିତ ଭାବନା । ଦୁଃଖ ସମୟରେ ଶାଶୂ, ନଣନ୍ଦ, ସ୍ୱାମୀର ଅତ୍ୟାଚାର ବିଷୟରେ ସେ ତାଙ୍କ ଦୁଃଖକୁ ଯେତେବେଳେ କାନ୍ଦଣା ମାଧ୍ୟମରେ ପ୍ରକାଶ କରନ୍ତି ସେତେବେଳେ କରୁଣ ରସ ସୃଷ୍ଟି ହୋଇଥାଏ । ଝିଅ ବିଦାୟବେଳେ ଗାଉଥିବା କାନ୍ଦଣା ଗୀତ-ରେ ଏହି ଚିତ୍ର ଲକ୍ଷ୍ୟ କରାଯାଇଥାଏ -

* ଲାଗି ପୋଖରୀରୁ ମାଛ ଧରିଥିଲି ହୋ । ବୁଢ଼ୀ
ସଙ୍ଗେ ପୁଷ୍କଳ ମାଛ ଆଣୁଥିଲି ହୋ । ବୁଢ଼ୀ
କେବେ କହୁଥିଲି ହେଉଁ ଆସୁଛ ହୋ । ବୁଢ଼ୀ
କଣ୍ଠରେ ଦୁଃଖରେ ନାଚିଁ ଜିଉର ହୋ । ବୁଢ଼ୀ
ଖୋଳିଲି ଟୁହାରେ ଲୁଣ ପାଣିକୁ ହୋ । ବୁଢ଼ୀ
ଯୁବା ଟୁଟୁଲି ଦୁଃଖ ମାନଙ୍କୁ ହୋ । ବୁଢ଼ୀ

## (iii) ହାସ୍ୟ ରସ :-

ଯେ କୌଣସି ପ୍ରସଙ୍ଗ , କାର୍ଯ୍ୟାବଳୀ ବା ଚରିତ୍ର ବିକୃତି ମନରେ ହାସ୍ୟ ଉଦ୍ରେକ କରିଥାଏ । 'ହାସ' ଏହାର ସ୍ଥାୟୀଭାବ । କବି କବିତାର ଜୀବନକୁ ସରସ କରିବା ଲାଗି ଉଲ୍ଲେଖିତ କରିବାକୁ ଯାଇ ଏହାର ଭୂମିକା ନିଶ୍ଚିତ ହାସ୍ୟରେ ଗୁରୁତ୍ୱପୂର୍ଣ୍ଣ । ଲୋକକବି ହାସ୍ୟ ରସିକ । ତା' କଥାରେ ମଧ୍ୟ ଚାତୁର୍ଯ୍ୟ ଭରିପୂର୍ଣ୍ଣ । ଯେପରି -

* ଦନ୍ତୁ କାଢ଼ି ଗଲା ପରେ
ପାଇଁ ବସିଲି କମାର ଘରେ
ଦନ୍ତୁ କମାର ଭେନ୍ତୁ କମାର
କାଢ଼ିଲି ଦେଖା ଲୁହା ବାଡ଼ାର ।

## (iv) ବାତ୍ସଲ୍ୟ ରସ :-

ପିଲାମାନଙ୍କ ପ୍ରତି ପିତାମାତାଙ୍କର ସ୍ନେହ ମମତା ହେଉଛି ବାତ୍ସଲ୍ୟ ରସର ଉଦାହରଣ । 'ସ୍ନେହ' ଏହାର ସ୍ଥାୟୀଭାବ । ପିଲାମାନଙ୍କୁ ଖୁଆଇ ଦେବା ସମୟରେ , ଶୋଇ ଯିବା ବେଳେ, ଗାଧୋଇବା ବେଳେ ବା କାନ୍ଦୁଥିବା ବେଳେ ଭୁଲେଇବା ପାଇଁ ମା'ମାନେ ଯେଉଁ ଗୀତ ଗାଇଥାନ୍ତି , ସେଥିରୁ ବାତ୍ସଲ୍ୟ ରସର ସୂଚନା ମିଳିଥାଏ ଯେପରି -

* ଯୋରେ ବାଛୁ ଯୋ
ମୋର କାନ୍ଦାଇଲେ ଗଉଣି ମାଙ୍କୁଣିଆ
ସେଇ କାନ୍ଦାଇଲେ ଗୋ ।

(ଖ) ବର୍ଣ୍ଣନା କୌଶଳ :-

ଲୋକକବି ଅନେକ ଘଟଣାବଳୀ ଦୃଷ୍ଟିକୋଣରୁ କବିତା ରଚନା କରିଥାନ୍ତି । ସମୟେ ସମୟେ ବର୍ଣ୍ଣନା ଭଙ୍ଗୀରେ ସେ ... ଘଟଣାବଳୀକୁ କବିମାନଙ୍କର ସମକାଳ ତୋଳିଥାନ୍ତି, ତହିଁରେ କଳ୍ପନା କୌଶଳର ପ୍ରୟୋଗ ସହିତ ଯେପରି ଦେଖାଯାଏ, ସେହିପରି ତାର ଭଙ୍ଗୀମାର ଗତିକୁ ମଧ୍ୟ ଦେଖିଛି । ବିଶେଷ-ଭାବରେ ରୂପବର୍ଣ୍ଣନା ଓ ଭାବନାତ୍ମକ ଚିତ୍ର ପ୍ରଦାନ କ୍ଷେତ୍ରରେ ମଧ୍ୟ ଲୋକକବି ତାର ଦକ୍ଷତା ପ୍ରଦର୍ଶନ କରିଛି ।

(ଗ) ଛନ୍ଦ ବୈଚିତ୍ର୍ୟ -:

ଲୋକଗୀତିକା ଗୁଡ଼ିକରେ ବିଭିନ୍ନ ଛନ୍ଦର ଗତିକୁ ଦେଖିଥାଉ । ତ୍ରିପଦର ଛନ୍ଦ , ଚଉପଦର ଛନ୍ଦ , ଅଷ୍ଟପଦର ଛନ୍ଦ, ଷଡ଼ପଦର ଛନ୍ଦ , ସପ୍ତପଦର ଛନ୍ଦ; ଚାଳିଶପଦୀ , ମାଳିକା ପଦାବଳୀ, ଚୌତିଶା ଆଦି ବହୁ ପ୍ରକାର ଛନ୍ଦ ବୈଚିତ୍ର୍ୟ ପରିଲକ୍ଷିତ ହୋଇଥାଏ ।

(ଘ) ଉପମା, ରୂପକ ଓ ପ୍ରତୀକ :-

ଓଡ଼ିଆ ଲୋକଗୀତ ଗୁଡ଼ିକରେ ଉପମା, ରୂପକ ଓ ପ୍ରତୀକର ପ୍ରଚୁର ବ୍ୟବହାର ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ ଶାଶୁର କନିଆ ସେତେବେଳେ ନାଗୁଣୀର କଥା ପ୍ରକାଶ କରେ ବା ନାଗୁଣୀଟିକୁ ଦିଏ, ପୁଣି ନିଜର ଅନ୍ତରଭାଷା ପ୍ରକାଶ କରେ ସେତେବେଳେ ସେ କହେ -

* ଗୁଣୁଗୁଣୁ ଗାଣି କାନ୍ଧକୁ ଛାଡେ
ଗୁଣୁଗୁଣୁ କଥା କହିବା ଜାଣେ ।

## (୮) ଓଡ଼ିଆ ଲୋକଗୀତରେ ସାଙ୍ଗୀତିକତା -!

ଲୋକଗୀତର ଜନପ୍ରିୟତା ପ୍ରାପ୍ତ ହେବାର କାରଣ ହେଉଛି ତା'ର ସାଙ୍ଗୀତିକତା । ଏହାରେ ନିହିତ ସ୍ୱର ମାଧୁର୍ଯ୍ୟ ଓ ଗୀତିମୟତା ଯେ କୌଣସି ମଣିଷକୁ ପ୍ରଭାବିତ କରିପାରେ । ସଙ୍ଗୀତର ମଧୁର ମୂର୍ଚ୍ଛନା ହେଉଛି ପଲ୍ଲୀ-କବିତାର ଏକ ପରମ ଉପାଦେୟ । ପଲ୍ଲୀ ସଙ୍ଗୀତର ନିଜସ୍ୱତା ଓ ସ୍ୱତନ୍ତ୍ରତା ଅଛି । ଏ ହୃଦୟର ମଧୁର ଝଙ୍କାରରେ ପଲ୍ଲୀ ସଙ୍ଗୀତ ତା'ର ସାର୍ଥକ ରୂପ ସୃଷ୍ଟି କରି ଆତ୍ମପ୍ରକାଶ କରିଥାଏ ।

ସଙ୍ଗୀତ ବ୍ୟତିରେକେ ପଲ୍ଲୀବାସୀର ଜୀବନ ଅସମ୍ଭବ । ସକଳ ପଲ୍ଲୀର ପ୍ରାକୃତିକ ସୁଷମା ଭିତରେ ଲୁଚିଥିବା ସେ ପ୍ରକୃତର କବିତ୍ୱ ସଙ୍ଗୀତର ପ୍ରାଚୁର୍ଯ୍ୟ । କୋକିଳର କୁହୁ କୁହୁ ରବ ଓ ଝରଣାର ମନୋରମ ତାଳ ଲୟ, ଗ୍ରାମ ସୀମାନ୍ତର ପଦ୍ମ ପୋଖରୀ ଆଦି ରୂପ ତା'ର ମନରେ ସଙ୍ଗୀତର ଅପୂର୍ବ ସ୍ୱର ସୃଷ୍ଟି କରିଥାଏ ।

ଅନେକ ଲୋକଗୀତର ସାଙ୍ଗୀତିକ ମାଧୁର୍ଯ୍ୟ ଅତି ସୁନ୍ଦର । ଶାସ୍ତ୍ରୀୟ ରାଗମାନଙ୍କର ଅନେକ ନିଦର୍ଶନ ଏଥିରେ ରହିଅଛି । ଲୋକଗୀତକୁ ହିଁ ଶାସ୍ତ୍ରୀୟ ସଙ୍ଗୀତ ଜନ୍ମଦାତା କହନ୍ତି ବୋଲି ବଡ଼େ ଗୁଲାମ ଅଲ୍ଲୀ ଖାଁଙ୍କ ପରି ପ୍ରସିଦ୍ଧ ସଙ୍ଗୀତଜ୍ଞ ମଧ୍ୟ ମତ ଦେଇଥାନ୍ତି । ଲୋକଗୀତିକାର: ଯେ କୌଣସି ଗୀତକୁ ରଚନା କଲେ ସେଥିରେ ଥିବା ସାଙ୍ଗୀତିକତା ଯେ କୌଣସି ପାଠକର ଦୃଷ୍ଟି ଆକର୍ଷଣ କରିପାରେ । ଯଥାର୍ଥରେ ସାଙ୍ଗୀତିକତା ହିଁ ଲୋକଗୀତର ମୌଳିକ ବୈଶିଷ୍ଟ୍ୟ ।

## (ଘ) ଉପସଂହାର :-

ଲୋକଗୀତ ଜୀବନ ଦର୍ଶନ ଓ ସମାଜର ପ୍ରତି-
ଫଳନ ଏଥି । ଜୀବନର ପ୍ରତ୍ୟେକଟି କଥା ଓ ବାର୍ତ୍ତା ଏହାର
କଳେବରକୁ ସମୃଦ୍ଧ କରିଛି । ଜୀବନଧାରାର ପ୍ରତ୍ୟେକଟି
ଦିଗରେ ଲୋକେ ଜୀବନର ଜୟଗାନ କରିଛନ୍ତି । କଳ୍ପନା ଓ
ବାସ୍ତବତାର ସମନ୍ୱୟ ଦିଗରେ ନୀତି, ଇତିହାସ,
ପୁରାଣ, ଭୂଗୋଳ, ଜ୍ୟୋତିଷ ଶାସ୍ତ୍ର ଓ ବୈଦିକ ଶାସ୍ତ୍ରର
ଅପୂର୍ବ ସମନ୍ୱୟ ହିଁ ଲୋକଗୀତ । ସେଥିପାଇଁ ଏହା
ଲୋକପ୍ରିୟ । ଏହା ଯେକୌଣସି ବୟସର ବ୍ୟକ୍ତିଙ୍କୁ
ଆନନ୍ଦୋଦ୍ଦୀପନ କରିଥାଏ । କୁମାରୀ ଝିଅ ଠାରୁ ପ୍ରୌଢ଼ା ଓ ବୃଦ୍ଧା,
ନିଷ୍ପାପ ଶିଶୁ । ଶିଶୁଠାରୁ ବୃଦ୍ଧ, ଜାତିଧର୍ମ ନିର୍ବିଶେଷରେ
ସ୍ତ୍ରୀଲୋକ - ସମସ୍ତେ ଯେକୌଣସି ଜୀବନଧାରାରେ ।

ଏକ କଥାରେ କହିଲେ - ପୁରାଣଠାରୁ
ଇତିହାସ ପର୍ଯ୍ୟନ୍ତ, ଭୂଗୋଳରୁ ଦର୍ଶନ, ଜୀବନରୁ ବାସ୍ତବତା
ପର୍ଯ୍ୟନ୍ତ ସବୁ କିଛିକୁ ସେମାନଙ୍କୁ ଛୁଇଁଲେ, ଏହା କେବଳ
ଲୋକଗୀତରେ ମିଳିଥାଏ । ସେଥିପାଇଁ କେହି ପ୍ରଥମ
କାଳରେ ଜନ୍ମ ହୋଇଥିଲେ ହେଁ ଲୋକଗୀତ ବର୍ତ୍ତମାନ ସୁଦ୍ଧା
ମାନବର ହୃଦୟରେ ରହି ନିଜର ସ୍ଥାନକୁ ସୁଦୃଢ଼
କରିପାରିଛି । ଓ ଭବିଷ୍ୟତରେ ମଧ୍ୟ ଏହାରେ ବ୍ୟତିକ୍ରମ
ହେବାର ସମ୍ଭାବନା ନାହିଁ ।

PROJECT ON : ODIA LOKA GITARA SAMAJIKA ABEDANA

DEPARTMENT: ODIA
PATTAMUNDAI COLLEGE, PATTAMUNDAI

SESSION-2020-21

ATTENDANCE SHEET

| SLNO. | NAME OF THE STUDENT | ROLL NO | SIGNATURE |
|---|---|---|---|
| 1 | Jyotirmayee Parida | 1801011440020147 | Jyotirmayee Parida |
| 2 | Mili malik | 180101144002014[illegible] | Mili malik. |
| 3 | Rupashree Raul | 1801011440020149 | Rupashree Raul |
| 4 | Rasmirekha bhol | 1801011440020150 | Rasmirekh bhol |
| 5 | Subhalakmi Dhal | 1801011440020151 | Subhalaxmi Dhal |
| 6 | Manisha Sethi | 180101144002015[illegible] | Manisha Sethi |
| 7 | Priyanka sahoo | 1801011440020029 | priyanka sahoo |
| 8 | Sarojini Nath | 1801011440020030 | Sarojini Nath |
| 9 | Kamalini Malik | 1801011440020031 | Kamalini Malik |
| 10 | mamamadhusmita malik | 1801011440020037 | mamamadhusmitamalik |
| 11 | Lopita Behera | 1801011440020038 | Lopita Behera |
| 12 | Madhusmita Samal | 1801011440020039 | Madhusmita Samal. |
| 13 | Urbasi Sethi | 1801011440020040 | Urbasi Sethi |
| 14 | Banganani malik | 1801011440020062 | Bansanani malik |
| 15 | Baisakhi Sethi | 1801011440020063 | Baisakhi Sethi |
| 16 | Jyotishri panda | 1801011440020064 | Jyotishri panda. |
| 17 | Monalisha Nayak | 180101144002065 | Monalish Nayak. |
| 18 | Snigdharani Rout. | 180101144002066 | Snigdharani Rout. |
| 19 | Srustiprajna Panda | 180101144002067 | Srustiprajna Panda. |
| 20 | | | |
| 21 | | | |

Jitamani Lenka -

PROJECT ON: ODIA LOKA GITARA SAMAJIKA ABEDANA

DEPARTMENT: ODIA
PATTAMUNDAI COLLEGE, PATTAMUNDAI

SESSION-2020-21

ATTENDANCE SHEET

| SLNO. | NAME OF THE STUDENT | ROLL NO | SIGNATURE |
|---|---|---|---|
| 1 | Barsha Malik | 180101144002015З | B. Malik |
| 2 | Arpita Dash | 18010114400205 4 | Arpita Dash. |
| 3 | Sonali Malik | 18010114400 20 | Sonali Malik |
| 4 | Susila Das | 1801011440020 58 | Susila Das. |
| 5 | Jyotshna Sethi | 18010114400020 59 | Jyotshna Sethi |
| 6 | Urmila Tarai | 1801011440020 60 | Urmila Tarai |
| 7 | Sugyana Malik | 180101144002061 | Sugyana Malik |
| 8 | Maneesha Jiban Dash | 180101144002002З | Maneesha Jiban Dash |
| 9 | Debasmita Sahoo | 1801011440020024 | Debasmita sahoo |
| 10 | Laxmipriya Nayak | 1801011440020025 | Laxmipriya Nayak |
| 11 | Jyoshnarani sahoo | 1801011440020026 | Jyoshnarani sahoo |
| 12 | Saraswati Rout | 1801011440020027 | Saraswati Rout |
| 13 | Biswajit Dash | 1801011440020028 | Biswajit Dash |
| 14 | Subhasmita Patra | 1801011440020041 | Subhasmita patra |
| 15 | Geetanjali Kar | 180101144002 0140 | Geetanjali Kar |
| 16 | Swapnaranee Rout | 180101144002 0141 | Swapnaranee Rout |
| 17 | Subhadra Dash | 1801011440020142 | Subhadra Dash |
| 18 | Pranati Malik | 1801011440020143 | Pranati Malik |
| 19 | Sushreeta Tarai | 1801011440020144 | Sushreeta Tarai |
| 20 | Debayasha mallick | 1801011440020145 | Debayasha mallick |
| 21 | Rajalaxmi Rout | 1801011440020146 | Rajalaxmi Rout. |

Dibyamani Lenka